# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 September– 2026**

# କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ୪୭ତମ ବୈଠକରେ ୧୨ଟି ବିଭାଗର ୧୮ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱଚ୍ଛ ଓ ଡିଜିଟାଲ ପରିଚାଳନା ପାଇଁ ନୂଆ ଭୂମି ପ୍ରବନ୍ଧନ ନିୟମ ୨୦୨୬ ପ୍ରଣୟନକୁ ଅନୁମୋଦନ ସହ କୃଷି ଓ ଉଦ୍ୟାନ କୃଷି ସେବା କ୍ୟାଡରର ପୁର୍ନଗଠନ ଓ ପଦବୀ ବୃଦ୍ଧିକୁ ମଞ୍ଜୁରୀ ମିଳିଛି । ବୈଠକରେ ଓଡ଼ିଶା ଜନବିଶ୍ୱାସ ବିଧେୟକ ୨୦୨୬, ବୋଇତ ଯୋଜନା ଓ ସଂଶୋଧିତ ବସୁଧା ଯୋଜନାକୁ ଅନୁମୋଦନ ଦିଆଯାଇଛି । ୨୬ଟି ଜିଲ୍ଲାରେ ୧ଲକ୍ଷ ୫୦ହଜାର ଗଭୀର ନଳକୂପ ସ୍ଥାପନ, ରାସ୍ତା ଉନ୍ନତିକରଣ, ପଞ୍ଚସଖା ଶିକ୍ଷା ସେତୁ ଏବଂ ବିଦ୍ୟୁତ୍ ସଞ୍ଚାଳନ ଭିତ୍ତିଭୂମି ସୁଦୃଢ଼ୀକରଣ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

**V/O**

## ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଅଧିକ ପୁଞ୍ଜିନିବେଶ ଆଣିବା ଏବଂ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ୫ ଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି । ଗସ୍ତକାଳରେ ଶ୍ରୀ ମାଝୀ ବିଶ୍ୱସ୍ତରୀୟ କମ୍ପାନୀର ଶୀର୍ଷ ଅଧିକାରୀ ଓ ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ନେଇ ଆଲୋଚନା କରିବେ । ଦୁବାଇରେ ଗୋଟିଏ ଜିଲ୍ଲା ଗୋଟିଏ ସାମଗ୍ରୀ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବିଭିନ୍ନ ଉତ୍ପାଦର ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଗୋଲଟେବୁଲ ବୈଠକରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିମାନଙ୍କୁ ରାଜ୍ୟରେ ନିବେଶ ସମ୍ପର୍କରେ ଅବଗତ କରାଇବେ । ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

---

## ଦକ୍ଷତା ନିର୍ମାଣ ସମ୍ମିଳନୀ

ବଜେଟ୍ ପ୍ରସ୍ତୁତିଠାରୁ ଆଇନ୍ ପ୍ରଣୟନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାଙ୍କୁ ପ୍ରାଥମିକତା ଦିଆଯାଉଥିବା ବାଚସ୍ପତି ସୁରମାପାଢ଼ୀ କହିଛନ୍ତି । ନୂଆଦିଲ୍ଲୀରେ ଚାଲିଥିବା ଦୁଇଦିନିଆ ସର୍ବଭାରତୀୟ ଦକ୍ଷତା ନିର୍ମାଣ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି ରାଜ୍ୟ ସରକାର ମିଶନଶକ୍ତି ମାଧ୍ୟମରେ ୬ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀର ୭୦ଲକ୍ଷ ମହିଳାଙ୍କୁ ଉଦ୍ୟୋଗୀଭାବେ ଗଢ଼ି ତୋଳିବା ପାଇଁ ସହାୟତା ଯୋଗାଇଦେବା ସହ

କିଶୋରୀମାନଙ୍କ ପୋଷଣ ଓ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ପାଇଁ ୭୩୦ଟି ମହାବିଦ୍ୟାଳୟ ଓ ୧୬ଟି ବିଶ୍ୱବିଦ୍ୟାଳୟରେ ତାଲିମ ବ୍ୟବସ୍ଥା କରିଛନ୍ତି ।

---

## ସଡ଼କ ଦୁର୍ଘଟଣା–ବୁଝାମଣାପତ୍ର ସ୍ୱାକ୍ଷର

ଜାତୀୟ ଓ ରାଜ୍ୟ ରାଜପଥରେ ବେଆଇନ ପାର୍କିଂ ଯୋଗୁଁ ସଡ଼କ ଦୁର୍ଘଟଣା ଓ ପ୍ରାଣହାନି ରୋକିବା ପାଇଁ ରାଜ୍ୟ ସରକାର ଟ୍ରକ୍ ଟର୍ମିନାଲ ଗୁଡ଼ିକର ସୁପରିଚାଳନା ନିମନ୍ତେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ ଆଇ.ଓ.ସି.ଏଲ୍ ଟ୍ରକ ଟର୍ମିନାଲ ଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ । ବେଆଇନ୍ ପାର୍କିଂ ରୋକିବା ଲାଗି ଜାତୀୟ ରାଜପଥ ନିକଟରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଟ୍ରକ ଟର୍ମିନାଲ ନିର୍ମାଣ ଲକ୍ଷ୍ୟ ରଖାଯାଇଥିବାବେଳେ ୧୫ଟି ନିର୍ମାଣକାର୍ଯ୍ୟ ସରିଥିବା ସୂଚନା ଦିଆଯାଇଛି ।

---

## ଅନ୍‌ଲାଇନ୍ ଚଏସ୍ ଲକିଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ୮୨୨ଜଣ ନବନିଯୁକ୍ତ ମେଡିକାଲ ଅଫିସରଙ୍କ ପାଇଁ ଆଜିଠାରୁ ଅନ୍‌ଲାଇନ୍ ଚଏସ୍ ଲକିଂ ପ୍ରକ୍ରିୟା ଆରମ୍ଭ ହେବ । ସୂଚନା ଅନୁଯାୟୀ ସମ୍ପୃକ୍ତ ନବନିଯୁକ୍ତ ଅଧିକାରୀମାନେ ଆଜି ଅପରାହ୍ଣ ୫ଟାରୁ ଆସନ୍ତା ୧୧ ତାରିଖ ପୂର୍ବାହ୍ଣ ୧୦ଟା ମଧ୍ୟରେ jcportal.odisha.gov.in ୱେବ୍‌ସାଇଟ୍‌ରେ ଚଏସ୍ ଲକିଂ କରିପାରିବେ ।

---

# ଶ୍ରୀଜୀଉଙ୍କ ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନେ ପ୍ରଳମ୍ବାସୁର ବଧ ବେଶରେ ଦର୍ଶନ ଦେବେ । ଗତକାଲି ଭାଦ୍ରବ କୃଷ୍ଣ ଏକାଦଶୀ ତିଥିରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଓ ଧେନୁକାସୁର ବଧ ନୀତି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନଧୂପ ପରେ ମାର୍କଣ୍ଡ ପୁଷ୍କରିଣୀ ନିକଟରେ ଗରୁଡ଼ସେବକ ଗରୁଡ଼ ବେଶରେ କାଳୀୟ ସର୍ପକୁ ଦଳନ କରିଥିଲେ । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥଙ୍କ କାଳୀୟଦଳନ ବେଶ ଦର୍ଶନ ପାଇଁ ପ୍ରବଳ ଭକ୍ତ ସମାଗମ ହୋଇଥିଲା ।

---

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଆଜି ଦିବସର ବାର୍ତ୍ତା ରହିଛି 'ଜନସାଧାରଣ, ବିଶ୍ୱ ଓ ସମୃଦ୍ଧି ପାଇଁ ସାକ୍ଷରତା' । ଅକ୍ଟୋବର ୨୬, ୧୯୬୬ ମସିହାରେ ପ୍ରଥମ ଥରପାଇଁ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ସେପ୍ଟେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ସାକ୍ଷରତା ହାର ୭୪ ଦଶମିକ ୪ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ସାକ୍ଷରତା ହାର ୬୫ ଦଶମିକ ୪/୬ ଓ ପୁରୁଷଙ୍କ ସାକ୍ଷରତା ହାର ୮୨ଦଶମିକ ୧/୪ ପ୍ରତିଶତ ରହିଥିଲା ।

---

## ନବଭାରତ ସାକ୍ଷର କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲାରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତବର୍ଷ ଅଣଷଠୀ ହଜାର ୬୯୦ଜଣଙ୍କୁ ସାକ୍ଷର କରାଯାଇଛି । ଜିଲ୍ଲାର ୨ହଜାର ୨୧୨ଟି କେନ୍ଦ୍ରରେ ୧୦ହଜାର ସ୍ୱେଚ୍ଛାସେବୀ ବୟସ୍କ ମାନଙ୍କୁ ପଢ଼ିବା, ଲେଖିବା ଓ ସଂଖ୍ୟା ଜ୍ଞାନ ଶିକ୍ଷା ଦେଉଛନ୍ତି । ନବରଙ୍ଗପୁର ଜିଲ୍ଲାର ସାକ୍ଷରତା ହାର ୪୮ ଦଶମିକ ୨ ପ୍ରତିଶତ ଥିବାବେଳେ ଗତବର୍ଷ ଜିଲ୍ଲାର ୬୫ହଜାର ଲୋକଙ୍କୁ ସାକ୍ଷର କରାଯାଇଥିଲା ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବଜ୍ରପାତ ସହ ବର୍ଷା ନେଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ସୁଦ୍ଧା ଉପକୂଳ, ଆଭ୍ୟନ୍ତରୀଣ ଏବଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ମୌସୁମୀ ଦୁର୍ବଳ ହେବା ଯୋଗୁଁ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଓ ତାପମାତ୍ରା ବୃଦ୍ଧି ପାଇଛି।